**ଦେସାହିରେ ଅଗ୍ନିକାଣ୍ଡ**

ଆଳି,(ଡି.ଏନ.ଏ.): ବନ୍ୟାର ଭିଭୀଷିକା ମଧ୍ୟରେ ଲୋକମାନେ ଜୀବନ ବିତାଉଥିବା ଦେସାହି ପରମାନନ୍ଦପୁରରେ ଅଗ୍ନିକାଣ୍ଡ ଘଟିଛି। ଗୁରୁବାର ସକାଳେ ଗାଁର ସତ୍ୟରଞ୍ଜନ ଦାସଙ୍କ ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଆଳି ତହସିଲଦାର ତପନ ସେନାପତି ବିପନ୍ନଙ୍କ ପାଖରେ ପହଞ୍ଚି ପାଲ ଯୋଗାଇ ଦେବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



## ସଂକ୍ଷେପରେ

### ନଦୀକୂଳିଆ ଆତଙ୍କିତ

ଧର୍ମଶାଳା,୧୬।୯(ଡି.ଏନ.ଏ.): ରେଙ୍ଗାଲି ଡ୍ୟାମ୍‌ର ଗୁରୁବାର ୨ଟି ଗେଟ୍ ଖୋଲାଯାଇଛି। ଫଳରେ ବ୍ରାହ୍ମଣୀ ନଦୀର ଜେନାପୁରଠାରେ ବିପଦ ସଙ୍କେତର ୩ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ଆକଳନ କରାଯାଇଛି, ଯଦ୍ୱାରା ବ୍ରାହ୍ମଣୀରେ ଏକ ବଡ଼ଧରଣର ବନ୍ୟା ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ବନ୍ୟାହେଲେ ଜିଲାର ଧର୍ମଶାଳା, ବଡ଼ଚଣା, ରସୁଲପୁର, ବରୀ ଓ ବିଞ୍ଝାରପୁର ବ୍ଲକ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା ରହିଛି। ଲଘୁଚାପ ଜନିତ ବର୍ଷା ପରେ ବ୍ରାହ୍ମଣୀରେ ବନ୍ୟା ଆସି ବରୀ ଓ ରସୁଲପୁର ବ୍ଲକ ଅଞ୍ଚଳରେ ୩ଟି ଘାଇ ହୋଇଥିଲା। ବ୍ରାହ୍ମଣୀ ନଦୀର ଜେନାପୁରଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ମଙ୍ଗଳବାର ୬୮.୨୦ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଏବେ ଏହା ହ୍ରାସ ପାଇ ୬୦.୮୦ରେ ରହିଛି। ତେବେ ଆସୁଥିବା ବନ୍ୟା ଜଳ ଏହାଠାରୁ ୨ଫୁଟ ଉଚ୍ଚରେ ପ୍ରବାହିତ ହେବା ଆଶଙ୍କା ଥିବାରୁ ନଦୀକୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ରେଙ୍ଗାଲି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଏବେ ଏହା ବୃଦ୍ଧିପାଇ ୧୨୩.୫୭ ମିଟର ରହିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁ ଡ୍ୟାମରେ ପ୍ରତି ଘଣ୍ଟାରେ ୭୨୧୬ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୨ ଗେଟ୍ ଦ୍ୱାରା ୫ହଜାର ୫ଶହ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଆବଶ୍ୟକ ପଡ଼ିଲେ ଆଉ ଗୋଟିଏ ଗେଟ ଖୋଲାଯିବ ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାସୁଦ୍ଧା ବନ୍ୟାଜଳ ଜେନାପୁର ଛୁଇଁବା ସମ୍ଭାବନା ରହିଛି। ତେବେ ଦୁର୍ବଳ ନଦୀବନ୍ଧ ଗୁଡିକ ପାଇଁ ବାଲିବସ୍ତା ମହଜୁଦ ରଖାଯାଇଥିବା ବେଳେ ନଦୀବନ୍ଧରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ଜାରକା ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଅମୃତ ମହୋତ୍ସବରେ କବିତା ଆସର

ଜଗତ୍‌ସିଂହପୁର ଅଫିସ,୧୬।୯: ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଅମୃତ ମହୋତ୍ସବ ପାଳନ କରାଯାଇଛି । ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଗୁରୁବାର ଦେଶାତ୍ମବୋଧକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହାକୁ ଉଦ୍‌ଘାଟନ କରି ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଓ ସମାଜ ପାଇଁ ସାହିତ୍ୟିକଙ୍କ ଭୂମିକା ଆଲୋକପାତ କରିଥିଲେ। ମୁଖ୍ୟଅତିଥି ବରିଷ୍ଠ କଥାକାର ଇଂ. ବିଷ୍ଣୁ ସାହୁ ଓ ସାହିତ୍ୟ ଏକାଡେମୀ ସଦସ୍ୟ ଗାଳ୍ପିକା ଡ. ଅଭୟ କୁମାର ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜଗତ୍‌ସିଂହପୁରକୁ ବାଣୀକ୍ଷେତ୍ର ଓ ଜିଲା ସଂସ୍କୃତି ଭବନକୁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ନାମରେ ନାମିତ କରାଯିବା କ୍ଷେତ୍ରରେ ଜିଲାପାଳଙ୍କ ଅବଦାନକୁ ପ୍ରଶଂସା କରାଯାଇଥିଲା। ଜଗତ୍‌ସିଂହପୁର ସାହିତ୍ୟ ପରିଷଦର ସମ୍ପାଦକ କବି ଉମାକାନ୍ତ ନାୟକଙ୍କ ସଂଯୋଜନାରେ ଜଗତ୍‌ସିଂହପୁର ଓ ବିରିଡ଼ି ବ୍ଲକର ୨୦ ଜଣ କବି ଯୋଗଦେଇଥିଲେ। ପୀତାମ୍ବର ମହାପାତ୍ର, ବାମଦେବ ସ୍ୱାଇଁ, ଅଜୟ ବେହେରା, କାଦମ୍ବିନୀ ପରିଡ଼ା, ଜ୍ୟୋତିର୍ମୟୀ ମହାନ୍ତି, ଗଣେଶ ମହାନ୍ତି, ମହାସ୍ମିତା ଓଝା, ସଂଗୀତା ପଣ୍ଡା, କୈଳାସ ମଲ୍ଲିକ, ସୁରେନ୍ଦ୍ରନାଥ ତ୍ରିପାଠୀ ଓ ଅନସୂୟା ଷଡ଼ଙ୍ଗୀ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଜିଲା ସଂସ୍କୃତି ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। କବି ପୂର୍ଣ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଆରମ୍ଭ

ପାରାଦୀପ,୧୬।୯(ସ୍ୱ.ପ୍ର.): ପାରାଦୀପ କଲେଜ ପରିସରରେ ଗୁରୁବାର ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭାଇସ ଚାନସେଲର ଏ.କେ. ଦାସମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଓଆଇସି ଦିଲୀପ ନାୟକ, କଲେଜ ଅଧକ୍ଷା ସୁପ୍ରେମା କାନୁନଗୋ, ପୂର୍ବତନ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଅଧ୍ୟାପକ ଅକ୍ଷୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ପାରାଦୀପ ବନ୍ଦରରେ ସ୍ୱଚ୍ଛତା ପକ୍ଷ ଆରମ୍ଭ

ପାରାଦୀପ,୧୬।୯(ସ୍ୱ.ପ୍ର.): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଗୁରୁବାର ଆଜାଦ୍ କି ଅମୃତ ମହୋତ୍ସବ ଉପଲକ୍ଷେ ସ୍ୱଚ୍ଛତାପକ୍ଷ ଆରମ୍ଭ ହୋଇଛି। ଏହାକୁ ବନ୍ଦର ଉପାଧକ୍ଷ ଏ.କେ. ବୋଷ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ୧୫ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି।

# ତଳ ଅଞ୍ଚଳକୁ ଘେରିଛି ବର୍ଷା, ବନ୍ୟା ପାଣି

- ଗାଁ ଭିତରେ ଡଙ୍ଗାରେ ଚାଲିଛି ଯାତାୟାତ
- ପାଣି ଭିତରେ ଖୋଜା ଚାଲିଛି ପାଣି
- ଅନ୍ଧାର, ରୋଗକୁ ନେଇ ବଢ଼ୁଛି ଚିନ୍ତା

କେନ୍ଦ୍ରାପଡ଼ା ଅଫିସ, ୧୬।୯

ଲଘୁଚାପଜନିତ ବର୍ଷା ଯୋଗୁ ମହାନଦୀ, ବ୍ରାହ୍ମଣୀ, ବୈତରଣୀରେ ବନ୍ୟାଜଳ ବୃଦ୍ଧି ପାଇଛି। ଫଳରେ କେନ୍ଦ୍ରାପଡ଼ା ଜିଲାର ତଳ ଅଞ୍ଚଳରେ ଥିବା ୫୫ ପଞ୍ଚାୟତବାସୀଙ୍କ ଚିନ୍ତା ବଢ଼ି ଯାଇଛି। ମହାନଦୀ ସିଷ୍ଟମ୍‌ରେ ଥିବା ମହାନଦୀ, ଲୁଣା, ଚିତ୍ରୋତ୍ପଳା, ପାଇକା, ବିରୂପାରେ ଏବେ ବନ୍ୟାଜଳ ପ୍ରବେଶ କରିଛି। ସେହିପରି ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ନଦୀର ବନ୍ୟାଜଳ ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଓ ରାଜନଗର ବ୍ଲକ ଅଞ୍ଚଳରେ ଖେଳେଇ ହୋଇଯାଇଛି। ଇତିମଧ୍ୟରେ ବିରୂପା ନଦୀର ବେଣୀପୁରଠାରେ ହୋଇଥିବା ଏକ ଘଳିଆକୁ ବନ୍ଦ କରାଯାଇଛି। ଚାନ୍ଦୋଳ ଓ ଅମୃତମଣୋହି ନିକଟରେ ରାସ୍ତା ଭାଙ୍ଗି ନିକଟସ୍ଥ ଗାଁକୁ ବନ୍ୟାଜଳ ପଶିଛି। ସିଂହଗାଁଠାରୁ ଆରମ୍ଭ କରି ଜମ୍ବୁ ପର୍ଯ୍ୟନ୍ତ ଏବେ ଗ୍ରାମ ଭିତରକୁ ଯାତାୟାତ ପାଇଁ ଡଙ୍ଗା ଖୋଜାପଡିଛି। ବନ୍ୟାପାଣି ଘେରରେ ଥିବା ଲୋକ ପିଇବା ପାଣି ପାଇଁ ତହଲବିକଳ ହେଉଛନ୍ତି। ଅନ୍ଧାର ଓ ଜଳବାହିତ ରୋଗକୁ ନେଇ ଚିନ୍ତା ବଢ଼ୁଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ରମେଶ ମଲ୍ଲିକ କହିଛନ୍ତି, ବିରୂପା ଓ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ସିଂହଗାଁ ସମେତ ସ୍ଥାନୀୟ ଧୋଇା ଅଞ୍ଚଳର ୪୨ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ବଡରାଉଳିଆ, ସାନରାଉଳିଆ ସମେତ ବହୁ ଗ୍ରାମକୁ ଯିବା ପାଇଁ ଡଙ୍ଗା ଆବଶ୍ୟକ ପଡୁଛି। ନଦୀପଠା, କ୍ଷେତ ବୁଡି ଯାଇଥିବାରୁ ପନିପରିବା ଓ ଖରିଫ ଧାନ ଚାଷ ଉଜୁଡି ଯାଇଛି। ସରକାରୀ ଓ ବେସରକାରୀ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ହୀନସ୍ତା ହେଉଛନ୍ତି। ପ୍ରତିବର୍ଷ ଏପରି ଅବସ୍ଥା ହେଉଥିବା ବେଳେ ପ୍ରଶାସକ ଓ ରାଜନେତା ବନ୍ୟାଜଳ ପରିଚାଳନାକୁ ଗୁରୁତ୍ୱ ଦେଉନାହାନ୍ତି। ରାଜନଗରର ଆଲୋକ କୁମାର ବେହେରା କହିଛନ୍ତି, ଗତ ୫ ଦିନ ହେବ ଉପାନ୍ତ ଅଞ୍ଚଳରେ ବର୍ଷା ଓ ବନ୍ୟାପାଣି ଜମି ରହିଛି। ଉଦ୍‌ବୃତ୍ତ ଜଳ ନିଷ୍କାସନ ହେଉନାହିଁ। ଏହି ସମୟରେ ବିଦ୍ୟୁତ୍ ଓ ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଛି। ନଳକୂପଗୁଡ଼ିକ ବନ୍ୟାଜଳ ଘେରରେ ରହିଥିବାବେଳେ ଶୁଦ୍ଧ ପିଇବା ପାଣି ମିଳୁନାହିଁ। ଲୋକେ ବାଧ ହୋଇ ଘର ନିକଟରେ ଜମି ରହିଥିବା ପାଣିକୁ ସିଝାଇ ପିଉଛନ୍ତି। ଜଳବାହିତ ରୋଗ ସଂକ୍ରମଣ ଆଶଙ୍କା ବୃଦ୍ଧି ପାଇଥିବା ବେଳେ କୁମ୍ଭୀର ଆକ୍ରମଣର ଚିନ୍ତା ଘାରିଛି। ମହାକାଳପଡ଼ାର ଚିତ୍ରସେନ ମଣ୍ଡଳ କହିଛନ୍ତି, ଜିଲାରେ ୭ ନଦୀ ପ୍ରବାହିତ ହେଉଛି। ପରିତାପର ବିଷୟ ଯେ, ନଦୀର ତଳମୁଣ୍ଡରେ କୌଣସି ବନ୍ଧବାଡ଼ ନାହିଁ। ଫଳରେ ସାମାନ୍ୟ ବର୍ଷା ଅଥବା ବନ୍ୟା ଯୋଗୁ ଜଳସ୍ତର ବୃଦ୍ଧି ପାଇଲେ ଗ୍ରାମଗୁଡ଼ିକରେ ପାଣି ଖେଳେଇ ହୋଇଯାଉଛି। ପ୍ରତିବର୍ଷ ନାଳ ଓ ଯୋରଗୁଡ଼ିକ ଖୋଳାଯାଇ ଜଳପଥ ପରିଷ୍କାର ହେଉଥିବା ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ତେବେ ଏହା ବାସ୍ତବ ସତ୍ୟ ନୁହେଁ। କେନାଲ, ନାଳ ଓ ଯୋର ମଧ୍ୟରେ ଚିଙ୍ଗୁଡ଼ିଆ ଦଳ ଭର୍ତ୍ତି ହୋଇ ଜଳ ନିଷ୍କାସନକୁ ରୋକୁଛି। ଚଳିତ ବନ୍ୟା ଓ ବର୍ଷାରେ ଜଳ ବୃଦ୍ଧି କ୍ଷେତ୍ରରେ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ପାଣି ପାଉଚ, ଗୋଖାଦ୍ୟ ଓ ରିଲିଫ ସାମଗ୍ରୀ ଏହି ବିପନ୍ନଙ୍କ ନିକଟରେ ପହଞ୍ଚି ପାରିନାହିଁ। ସେହିପରି ସ୍ୱାସ୍ଥ୍ୟକର୍ମୀଙ୍କ ଦେଖାନାହିଁ ବୋଲି ସେ କହିଛନ୍ତି। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଚାଷୀଙ୍କ କ୍ଷୟକ୍ଷତିକୁ ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ଜିଲାରେ ବଡଧରଣର ବନ୍ୟା ଆଶଙ୍କା ନାହିଁ। ଏହାସତ୍ତ୍ୱେ ଆବଶ୍ୟକ ବୋଟଠାରୁ ଆରମ୍ଭ କରି ରାଶନ ସାମଗ୍ରୀ ପର୍ଯ୍ୟନ୍ତ ବନ୍ଦୋବସ୍ତ ହୋଇଛି। ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ୍ ଟିମ୍ ସହିତ ସ୍ଥାନୀୟ ଦମକଳ ବାହିନୀ ସଜାଗ ଅଛନ୍ତି। ରୋଗ ସଂକ୍ରମଣ ଓ ଅନ୍ୟ ସମସ୍ୟାର ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ୨୦ରୁ ଅଧିକ ଟିମ୍ ମୁତୟନ କରାଯାଇଛି। ବନ୍ୟାରେ ଭାଙ୍ଗିଯାଇଥିବା ରାସ୍ତାକୁ ମରାମତି କରାଯିବା ସହ ନଦୀର ଦୁର୍ବଳ ବନ୍ଧ ସ୍ଥାନରେ ପାଟ୍ରୋଲିଂ ହେଉଥିବା ସେ ସୂଚନା ଦେଇଛନ୍ତି।



ଆଳି ଧୋୟାଞ୍ଚଳରେ ବନ୍ୟାପାଣିରେ ବିଦ୍ୟୁତ୍ ଖୁଣ୍ଟ, ଚାଷ ଜମି ଜଳମଗ୍ନ।

# ବିଦ୍ୟୁତ, ଟେଲିସେବା ବ୍ୟାହତ

- ଛତାମଠ ନିକଟରେ କଲଭର୍ଟ ଧୋଇଗଲା
- ଡଙ୍ଗା ନ ଥିବାରୁ ଯାତାୟାତରେ ଅସୁବିଧା
- ଗୋଖାଦ୍ୟ, କିରୋସିନ ଅଭାବ

ପଟ୍ଟାମୁଣ୍ଡାଇ ୧୬।୯(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବନ୍ୟା ପରିସ୍ଥିତି ଗୁରୁବାର ମଧ୍ୟ ଅପରିବର୍ତ୍ତିତ ରହିଛି। ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ଦେଖା ଦେଇଥିବାରୁ ସମଗ୍ର ଧୋୟାଞ୍ଚଳ ଜଳମଗ୍ନ ହୋଇଛି। ଡଙ୍ଗା ନ ଥିବାରୁ ଯାତାୟାତରେ ଅସୁବିଧା ହେଉଛି। ବିଦ୍ୟୁତ୍ ଓ ଟେଲିସେବା ବ୍ୟାହତ ହୋଇଛି। ଗୋରୁଙ୍କ ପାଇଁ ଗୋଖାଦ୍ୟ ଓ ଲୋକଙ୍କ ପାଇଁ କିରୋସିନ ଯୋଗାଇ ଦେବାକୁ ବିପନ୍ନ ଲେକୋ ଅନୁରୋଧ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଛତା ମଠଠାରେ ପୂର୍ତ୍ତ ବିଭାଗ ରାସ୍ତାରେ ଅମୃତମଣୋହି କଟ ଉପରେ ନିର୍ମିତ କଲଭର୍ଟଟି ଧୋଇଯାଇଛି। ଫଳରେ ଅଣ୍ଡରା, ଅମୃତମଣୋହି, ବଲୁରିଆ ଓ ଆଳି ବ୍ଲକର ନୂଆପଡା, ପାଞ୍ଚଣପଡା ପ୍ରଭୃତି ପଞ୍ଚାୟତଗୁଡିକୁ ସଡକ ପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଧୋଇ ଯାଇଥିବା କଲଭର୍ଟ ସ୍ଥାନରେ ଯୁଦ୍ଧକାଳୀନ ଭିତିରେ ହ୍ୟୁମ ପାଇପ ପକାଇ ପୋଲ ନିର୍ମାଣ କରିବାକୁ ଜଳସମ୍ପଦ ବିଭାଗ ଓ ଡ୍ରେନେଜ କଟ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ଅଲଭାଠାରେ ବ୍ରାହ୍ମଣୀ ନଦୀରେ ୧୭.୮ ଫୁଟ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ବିପଦ ସଙ୍କେତ ୧୬ ଫୁଟ ରହିଛି। କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ଧୋୟାଞ୍ଚଳର ବନ୍ୟା ବିପନ୍ନ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କୁ ଡଙ୍ଗା, ଔଷଧ, ସାଲାଇନ, କିରୋସିନ, ଗୋଖାଦ୍ୟ ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀ ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା, ଅମୃତମଣୋହି, ବଲୁରିଆ, ପେଣ୍ଠପାଳ, ତରଡିପାଳ, ଅଳପୁଆ, ସିଂହଗାଁ, ଶ୍ରୀରାମପୁର, ଡାମରପୁର , ବଳଭଦ୍ରପୁର, ଶାସନ, ନୀଳକଣ୍ଠପୁର, ବାଲିପାଟଣା, ବାଛରା ପଞ୍ଚାୟତର ବ୍ୟାପକ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ଯୋଗୁ ଫସଲ ନଷ୍ଟ ହୋଇଯାଇଛି। ଅଳପୁଆ ଓ ତୁଳସୀଡିଆ ସ୍ୱାସ୍ଥ୍ୟକେନ୍ଦ୍ର ପାଣି ଘେରରେ ରହିଛି। ମାଳିପୁର ରାସ୍ତା ବୁଡି ପାଣି ଚାଲିବାରୁ ଏହି ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟା ବିପନ୍ନ ଲୋକମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ପଞ୍ଚାୟତ ସମିତି ବୈଠକ ହୋହଲ୍ଲାରେ ଶେଷ

## ଅଧିକାରୀଙ୍କ ଉପରେ ବର୍ଷିଲେ ବିଧାୟିକା

ଝୁମ୍ପୁରୀ,୧୬।୯(ଡି.ଏନ୍.ଏ.)

ଦଶରଥପୁର ପଞ୍ଚାୟତ ସମିତିର ୯ମ ତଥା ଶେଷ ବୈଠକ ବୁଧବାର ହୋହାଲ୍ଲାରେ ଶେଷ ହୋଇଛି। କନିକାପଡ଼ା ପଞ୍ଚାୟତସ୍ଥ ଦାମୋଦରପୁ ରଘୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅଧକ୍ଷା ସୁଜାତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅତିଥିଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ କେତେଜଣ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ କାମ ପାଇଁ ସେମାନଙ୍କୁ ସେ ତାଗିଦ୍ କରିଥିଲେ। ଅନ୍ୟତମ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ବ୍ଲକ୍ ଉପାଧକ୍ଷ ରଞ୍ଜନ କୁମାର ପୃଷ୍ଟି, ତହସିଲଦାର ସୌଭାଗ୍ୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ । ବିଡ଼ିଓ ନାରାୟଣ ଚନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ । ବୈଠକରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବାବେଳେ ଦଶରଥପୁର ସରପଞ୍ଚ ଇନ୍ଦ୍ରଜିତ ଦାସ ପାଲଟପୁର ପଞ୍ଚାୟତରେ ସ୍ୱଜଳଧାରା ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବା ନେଇ ଅଭିଯୋଗ କରିଥିଲେ । ଏହାକୁ ନେଇ ବୈଠକରେ ତୁମ୍ବିତୋଫାନ ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ଦାସ ଦଶରଥପୁର ସରପଞ୍ଚଙ୍କୁ କେବଳ ଦଶରଥପୁର ପଞ୍ଚାୟତ ଉପରେ ତମେ ପ୍ରଶ୍ନ କରିପାରିବ, ଅନ୍ୟ ପଞ୍ଚାୟତ ଉପରେ ତୁମେ ପ୍ରଶ୍ନ କରିପାରିବ ନାହିଁ ବୋଲି ତାଗିଦ୍ କରୁଥିବା ଶୁଣିବାକୁ ମିଳିଥିଲା । କମାରଡିହ ସମିତି ସଭ୍ୟ ମଳୟ ପଣ୍ଡା କେଲାଙ୍ଗ ଗ୍ରାମରେ ଏହି ପାଇପ୍ ବିଛା କାର୍ଯ୍ୟରେ ଅନିୟମିତତା ହୋଇଛି ବୋଲି ଅଭିଯୋଗ କରିବା ସହ ବ୍ଲକ୍‌ରେ ବିଭିନ୍ନ ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାରେ ଆହୁରି ବହୁ ହିତାଧିକାରୀ ସାମିଲ ହୋଇ ନ ଥିବା ଅଭିଯୋଗ କରିଥିଲେ । ତୁରନ୍ତ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାପାଇଁ ସେ ଦାବି କରିଥିଲେ ।



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅନ୍ୟମାନେ ।

## ୩୦ ଦଳିତ ପରିବାର ଜଳବନ୍ଦୀ

ରଘୁନାଥପୁର,୧୬।୯(ଡି.ଏନ୍.ଏ.)

ହଂସୁଆ ସଫେଇ ନଦୀରେ ବନ୍ୟା ଆସିବାରୁ ରଘୁନାଥପୁର ବ୍ଲକ ଗୁଆଲିପୁର ପଞ୍ଚାୟତ କପାଳେଶ୍ୱର ବରଡାଗେଞ୍ଜି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ୩୦ ଦଳିତ ପରିବାର ଜଳବନ୍ଦୀ ହୋଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ବାଉଁଶଚାର ଉପରେ ୨ ଫୁଟ ଉଚ୍ଚର ପାଣି ଚାଲୁଛି। ମାତ୍ର ଜଳବନ୍ଦୀ ପରିବାରଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ ପାଇଁ ବାଧ ହେଉଛନ୍ତି। ଖବରପାଇ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଉକ୍ତ ବାଉଁଶଚାର ସହାୟ୍ୟରେ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ପରିବାଗୁଡ଼ିକୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ୨୦୦୯ରୁ ହଂସୁଆ ସଫେଇ ଉପରେ ପୋଲ ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ମାତ୍ର ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତର୍ଜମା କରି ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି। ଏହାପରେ ବିଧାୟକ ଏହି ପଞ୍ଚାୟତର ଆଉ ୨ ସ୍ଥାନ ଗସ୍ତ କରି ପାଣି ସମସ୍ୟା ବୁଝିଛନ୍ତି। ପଞ୍ଚାୟତରେ ଜଳବନ୍ଦୀ ଥିବା ଆଉ ୪୧ ପରିବାରକୁ ନିକଟସ୍ଥ ସ୍କୁଲକୁ ସ୍ଥାନାନ୍ତର ପାଇଁ ବିଡିଓ ଜିତେନ୍ଦ୍ର ନାୟକଙ୍କ ସହ ଆଲୋଚନା କରିଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ଅନ୍ତର୍ଯ୍ୟାମୀ ରାଉତ, ଜାନକୀବଲ୍ଲଭ ସ୍ୱାଇଁ, ଶେଷଦେବ ସେଠୀ ଓ ଖୋକନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ



ବ୍ରାହ୍ମଣୀ ନଦୀର ବନ୍ୟାପାଣି ରାସ୍ତା ଉପରେ ପ୍ରବାହିତ ହେଉଛି।

ରାଜନଗର, ୧୬।୯(ଡି.ଏନ.ଏ.)

ଲଗାଣ ବର୍ଷା ପରେ ରାଜନଗର ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର ରାତିରୁ ରାଜନଗର ଅଞ୍ଚଳରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ଗୁରୁବାର ଅପରାହ୍ନ ସୁଦ୍ଧା ରାଜନଗର ବ୍ଲକର ୪ଟି ପଞ୍ଚାୟତ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ବୁଧବାର ରାତିରୁ ବ୍ରାହ୍ମଣୀ ନଦୀରେ ବନ୍ୟା ପାଣି ଆସି ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତରେ ମାଡି ଯାଇଛି। ରାଜନଗର ବ୍ଲକର ମଦନପୁର-ବଳଭଦ୍ରପୁର ରାସ୍ତା, ଓସ୍ତିଆ-ନଗଡ ରାସ୍ତା, ବାଲିସାହିପାଟଣା-ବାଲିଚନ୍ଦନପୁର ରାସ୍ତା, ଗୋବିନ୍ଦପୁର-ଟାଙ୍ଗଳଟୈଳା ରାସ୍ତା, ସନ୍ଥପଡା-ଚକିବାଙ୍କ ରାସ୍ତା ଓ ବନ୍ଧପାଟଣା-ବେଲପାଳ ରାସ୍ତା ଉପରେ ୩ ଫୁଟରୁ ଅଧିକ ଉଚ୍ଚର ପାଣି ଚାଲୁଛି। ଏହି ୪ଟି ପଞ୍ଚାୟତ ଗ୍ରାମ୍ୟ ରାସ୍ତା ପରେ ମୁଖ୍ୟ ରାସ୍ତା ବୁଡ଼ିବା ଯୋଗୁ ବାହ୍ୟଜଗତରୁ ଗାଁଗୁଡ଼ିକ ବିଚ୍ଛିନ୍ନ ହୋଇପଡିଛି। ଏହି ଗାଁଗୁଡ଼ିକରେ କେତେଗୋଟି ଘର ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହିଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ୪ଟି ପଞ୍ଚାୟତର ଧୋୟା ଅଞ୍ଚଳରେ ଥିବା ଖରିଫ ଧାନଚାଷ ଓ ପନିପରିବା ଫସଲ ବନ୍ୟା ଜଳରେ ବୁଡ଼ି ରହିଛି। ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, କନିଷ୍ଠଯନ୍ତ୍ରୀ ଦେବ ରଞ୍ଜନ ବେହେରା ପ୍ରମୁଖ ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍‌ମାନେ ପଞ୍ଚାୟତସ୍ତରରେ ରହିଛନ୍ତି। ପ୍ରତି ପଞ୍ଚାୟତ ପାଇଁ ନୋଡାଲ ଅଫିସର ନିଯୁକ୍ତି ଦିଆଯାଇଛି। ଶୁଖିଲା ଖାଦ୍ୟ ଓ ଡଙ୍ଗା ପ୍ରସ୍ତୁତ କରି ରଖାଯାଇଛି। ବନ୍ୟା ସ୍ଥିତି ମୁକାବିଲା କରିବାକୁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତି ସରିଛି ବୋଲି ବିଡିଓ କହିଛନ୍ତି।

# ଧସିଥିବା ନଦୀବନ୍ଧ ରାସ୍ତା ମରାମତି ହେଲା

ନାଉଗାଁ,୧୬।୯(ସ୍ୱ.ପ୍ର)

ପ୍ରବଳ ବର୍ଷା ଯୋଗୁ ବଛାଳୋ ପଞ୍ଚାୟତର ବଛାଳୋରୁ ପୋକାମୂଳକୁ ସଂଯୋଗ କରୁଥିବା ଦେବୀନଦୀ ବନ୍ଧ ରାସ୍ତା ଧସେଇ ଯାଇଥିଲା। ଧସି ଯାଇଥିବା ସ୍ଥାନରେ ବାଲି ବସ୍ତା ପକାଯାଇ ଗୁରୁବାର ମରାମତି କରାଯାଇଛି। ଏହି ରାସ୍ତା ୨୦୧୯-୨୦ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଏହି ରାସ୍ତା ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ କରାଯାଇଥିଲା। ଏଠାରେ ବାଲି ମାଟି ପଡିଥିବାରୁ ବର୍ଷା ଯୋଗୁ ରାସ୍ତା ଧସିଯାଇଥିଲା। ଏନେଇ ବୁଧବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।



ଦେବୀ ନଦୀ ବନ୍ଧ ରାସ୍ତା ମରାମତି କରାଯାଉଛି।

# ଘାଇ ମରାମତି ସ୍ଥାନରେ ୨ ଘଳିଆ

ବିଞ୍ଝାରପୁର,୧୬।୯(ଡି.ଏନ.ଏ.)

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅଙ୍ଗାଳୋ ପଞ୍ଚାୟତ ବୋଇତାଳୁପାଟଣା ନିକଟ ଖରସ୍ରୋତାର ଶାଖା କାଣି ନଦୀ ବନ୍ଧରେ ବୁଧବାର ରାତିରେ ୨ଟି ଘଳିଆ ସୃଷ୍ଟି ହୋଇଛି। ସେହି ସ୍ଥାନରେ ଗତବର୍ଷ ଶହେ ଫୁଟର ଏକ ଘାଇ ସୃଷ୍ଟି ହୋଇଥିଲା। ତେବେ ଘାଇ ମରାମତି କାମ ସରିଥିବା ବେଳେ ପୁଣି ଘଳିଆ ସୃଷ୍ଟି ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଘାଇ ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘଳିଆକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅଙ୍ଗାଳୋ ସରପଞ୍ଚ ହର୍ଷବର୍ଦ୍ଧନ ସାମଲଙ୍କ ନେତୃତ୍ୱରେ ପ୍ରଥମେ ସ୍ଥାନୀୟ ଲୋକ ଘଳିଆକୁ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ କେନ୍ଦ୍ରାପଡ଼ା ଜିଲା ଆଳି ଜଳସମ୍ପଦ ବିଭାଗ ଅଧୀନ ମଧୁସୂଦନପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡା ପହଞ୍ଚି ଘଳିଆ ମରାମତି କରିଥିଲେ। ଗୋଟିଏ ଘଳିଆ ଆୟତକୁ ଆସିଥିବା ବେଳେ ଅନ୍ୟଟି ଆୟତ୍ତକୁ ଆସି ନ ଥିଲା। କନିଷ୍ଠ ଯନ୍ତ୍ରୀ ପଣ୍ଡା କହିଛନ୍ତି, ଘଳିଆ ସ୍ଥାନରେ ୫ ଶହ ବାଲିବସ୍ତା ପକାଯାଇଛି। ଏବେ ଘଳିଆ ନିୟନ୍ତ୍ରଣକୁ ଆସିଛି।

# ଥାନା ଆଗରେ ଯୁବକଙ୍କୁ ଆକ୍ରମଣ

କୁଜଙ୍ଗ, ୧୬।୯(ଡି.ଏନ୍.ଏ.)

କୁଜଙ୍ଗ ଥାନା ଫାଟକ ସମ୍ମୁଖରେ ଗୁରୁବାର ରାତିରେ ଜଣେ ଯୁବକଙ୍କୁ ବିଅର ବୋତଲରେ ଆକ୍ରମଣ ହୋଇଛି। ସେ ହେଲେ କୋଠିଆସାହି ଗ୍ରାମର ସଞ୍ଜୟ ରାଉତ। ପୋଲିସ ତାଙ୍କୁ କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଛି। ସଞ୍ଜୟ ଓ ଉକ୍ତ ଗ୍ରାମର ଦ୍ୱାରିକା ଦାସଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ନେଇ ଥାନାରେ ଅଭିଯୋଗ ହୋଇଥିଲା। ବୁଝାମଣା ନିମନ୍ତେ ଉଭୟେ ଥାନାକୁ ଆସିଥିବାବେଳେ ବଚସା ହୋଇଥିଲା। ଦ୍ୱାରିକା ସଞ୍ଜୟଙ୍କ ମୁଣ୍ଡ ପଛପାର୍ଶ୍ୱକୁ ପିଟି ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଏସ୍‌ଆଇ ରଜନୀକାନ୍ତ ଦାସ କହିଛନ୍ତି, ଅଭିଯୋଗ ମିଳିଛି। ତଦନ୍ତ ପରେ ଏନେଇ ମାମଲା ରୁଜୁ କରାଯିବ।



ଧର୍ମଶାଳା ବ୍ଲକସ୍ଥ ଭଗବାନପୁର ଗ୍ରାମର ଲୋକେ କେଲୁଅ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି।

# ଆଳି ଧୋୟାଞ୍ଚଳର ୫୦ ହଜାର ଲୋକ ଜଳବନ୍ଦୀ

ଆଳି,୧୬।୯(ଡି.ଏନ.ଏ.)

ଯୁଆଡେ ଚାହିଁଲେ ଖାଲି ପାଣି। ନଦୀ, ନାଳ ଜୋର ସବୁକିଛି ସମାନ ହୋଇଯାଇଛି। ଏହି ପାଣି ଭିତରେ ଆଳି ଧୋୟାଞ୍ଚଳ ୧୦ ପଞ୍ଚାୟତର ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇଛନ୍ତି। ଖରସ୍ରୋତା ଓ ଶାଖା କାଣୀ ନଦୀରେ ବନ୍ୟା ଆସିବା ପରେ କେନ୍ଦ୍ରାପଡ଼ା ଜିଲା ଆଳି ଧୋୟାଞ୍ଚଳରେ ବସବାସ କରୁଥିବା ୧୦ ପଞ୍ଚାୟତର ସମସ୍ୟା ଦିନକୁଦିନ ସଙ୍ଗୀନ ହେବାରେ ଲାଗିଛି। ଏହି ପଞ୍ଚାୟତକୁ ଯାତାୟାତ ନିମନ୍ତେ ଥିବା ମୁଖ୍ୟରାସ୍ତା ମାନପୁର-ଗୋବିନ୍ଦପୁର ରାସ୍ତାର ମାନପୁର ନିକଟରୁ ଡିମିରିପାଳ ନାରାୟଣପୁର ମଠ ପର୍ଯ୍ୟନ୍ତ ପ୍ରାୟ ଦେଢ କି.ମି. ରାସ୍ତାରେ ୬ ଫୁଟରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ଦୁଇଦିନ ହେବ ବନ୍ୟାଜଳ ରାସ୍ତାରେ ପ୍ରବାହିତ ହେବାଦ୍ୱାରା ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଲୋକମାନେ ଯାତାୟାତ ନିମନ୍ତେ ଭୁଟୁଭୁଟି ଉପରେ ନିର୍ଭର କରୁଛନ୍ତି। ବନ୍ୟା ଯୋଗୁ ଡିମିରିପାଳ ଗ୍ରାମକୁ ଯାଇଥିବା ମୁଖ୍ୟରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଲୋକମାନେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ସେହିପରି ଅରଗଳ ପଞ୍ଚାୟତର ମୁଖ୍ୟରାସ୍ତାର କଲଭର୍ଟ ନିକଟରେ ଅଣ୍ଟାଏ ପାଣି ଚାଲିଛି। ଲୋକମାନେ ଗାଁରୁ ବାହାରକୁ ଆସିଲେ ଏହି ପାଣିରେ ପଶି ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଏରଡଙ୍ଗ, ପାଳିମୀ ପଞ୍ଚାୟତକୁ ଯାଇଥିବା ମୁଖ୍ୟରାସ୍ତାରେ ଅଥଳ ପାଣି। ପେଟପଡା, ସଂସିଧା ପଞ୍ଚାୟତର ଅବସ୍ଥା ଶୋଚନୀୟ ହୋଇପଡିଛି। ଲୋକମାନେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଗୋରୁ ଗୁହାଳରେ ବନ୍ଧା ହୋଇ ରହିଛନ୍ତି। ଅଞ୍ଚଳରେ ଥିବା ସ୍କୁଲ, ମନ୍ଦିର, ନଳକୂପ ସମେତ ଶତାଧିକ ଏକର ଚାଷଜମି ବୁଡି ରହିଛି। ଲୋକେ ଘରୁ ବାହାରି ନ ପାରି ହନ୍ତସନ୍ତ ହେଉଛନ୍ତି। ଦୁଇଦିନ ହେବ ସେମାନେ ବନ୍ୟାଘେରରେ ଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ବି ସହାୟତା ସେମାନଙ୍କ ନିକଟରେ ପହଞ୍ଚି ନ ଥିବା ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି। ମାନପୁର ଘୋଷରା ନିକଟରେ ପ୍ରଶାସନ ପକ୍ଷରୁ ଡଙ୍ଗା ପକାଯିବାର ବ୍ୟବସ୍ଥା ଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ତାହା ଏଯାବତ କରିନାହିଁ। ଫଳରେ କେତେଜଣ ନିଜ ଡଙ୍ଗା ପକାଇ ଲୋକମାନଙ୍କ ନିକଟରୁ ୫୦ରୁ ୧୦୦ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଗୁରୁବାର ଆଳି ତହସିଲଦାର ତପନ ସେନାପତି କେତୁଆପାଳ, ଦେସାହି, ଗୋବିନ୍ଦପୁର, ପେଟପଡା, ଡିମିରିପାଳ ଆଦି ଅଞ୍ଚଳରେ ବନ୍ୟା ପରିସ୍ଥିତି ପରଖି ଥିବା ବେଳେ ଓ ବିଡିଓ ଦ୍ୱିବେନ୍ଦୁ ଦାସ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି।



ଅଣ୍ଟାଏ ପାଣିରେ ପଶି ଜଣେ ବ୍ୟକ୍ତି ସାଇକେଲ ନେଇ ଯାଉଛନ୍ତି।

## ବନଖଣ୍ଡ କାର୍ଯ୍ୟାଳୟରେ ଜିଆଇଏସ୍ ସେଲ

ନୟାଗଡ଼ ଅଫିସ : ନୟାଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ଗ୍ଲୋବାଲ ଇନଫରମେଶନ ସିଷ୍ଟମ (ଜିଆଇଏସ୍) ସେଲ ଗୁରୁବାର ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ପିସିସିଏଫ୍ ପି.କେ.ମଲ୍ଲିକ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ । ଏହାଦ୍ୱାରା ଜମି ଅଧିଗ୍ରହଣ, ବନୀକରଣ, ରାସ୍ତାନିର୍ମାଣ ପରି ବିକାଶମୂଳକ କାର୍ଯ୍ୟର ପ୍ରସ୍ତୁତି ଓ ସର୍ଭେ ସହାୟକ ହେବ । ପୋଲିସ, ପାନୀୟ ଜଳ, ରାଜସ୍ୱ,ଜଳସମ୍ପଦ ବିଭାଗ ପରି ବହୁ ବିଭାଗ ଏହା ଦ୍ୱାରା ଉପକୃତ ହୋଇ ପାରିବେ ।

## ସଂକ୍ଷେପରେ

### ଆଶାକର୍ମୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ସର୍ପ ଦଂଶନ ସନ୍ଦେହ**

ଓଡ଼ଗାଁ, ୧୬।୯(ସ୍ୱ.ପ୍ର.): ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ଜାରିଙ୍ଗି ସାହିର ଆଶା କର୍ମୀ ଭରତୀ ସାହୁ(୩୨) ଗୁରୁବାର ଅସ୍ୱାଭାବିକ ଭାବେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବୁଧବାର ସକାଳେ ସେ ଫୁଲ ତୋଳୁଥିବା ବେଳେ କ'ଣ ଏକ ଗୋଡକୁ କାମୁଡି ଦେବାରୁ ସେ ଗୁରୁତର ହୋଇପଡିଥିଲେ। ସେ ଏ ସମ୍ପର୍କରେ ପରିବାର ତାଙ୍କୁ ଜଣାଇବାରେ ସେମାନେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୁରୁବାର ସକାଳେ ତାରତୀଙ୍କ ମୃତ୍ୟୁ ଘଟିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ମୃତଦେହ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ତାଙ୍କର ଏକ ଝିଅ ଅଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ତାଙ୍କର ମୃତ୍ୟୁ ସାପକାମୁଡା ନ ଅନ୍ୟ କ'ଣ ପାଇଁ ହୋଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ ଅଧିକାରୀ ସଞ୍ଜୟ କୁମାର ପରିଡା ସୂଚନା ଦେଉଛନ୍ତି।

### ପୋଖରୀରେ ବୁଡ଼ି ଶିଶୁ ମୃତ

ନୟାଗଡ଼ ଅଫିସ,୧୬।୯: ନୟାଗଡ଼ ବ୍ଲକ ଇଟାମାଟି ଥାନା ଅଧୀନ ଜହ୍ନିପଦା ପଞ୍ଚାୟତ ଜାମୁସାହିରେ ପୋଖରୀରେ ବୁଡ଼ି ଜଣେ ୩ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବର୍ଦ୍ଧନ ଦାଶଙ୍କ ପୁଅ ଗୋପାଳ ଦାଶ । କୌଣସି କାରଣରୁ ଗୋପାଳ ପୋଖରୀରେ ପଡିଯାଇଥିଲେ। ଏ କଥା ଜଣାପଡିବା ପରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା । ହେଲେ ସେତେବେଳକୁ ଶିଶୁଟିର ମୃତ୍ୟୁ ଘଟିସାରିଥିଲା ।

### ପ୍ରତିଭା ସମ୍ମାନ ସମାରୋହ

ନୟାଗଡ଼ ଅଫିସ, ୧୬।୯: ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ସଂଘ ଇଟାମାଟି ପଞ୍ଚାୟତ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ସଂଯୋଜନା ଓ ସଭାପତି ପ୍ରହଲ୍ଲାଦ ଶାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭବେ ସରପଞ୍ଚ ସୋନାଲିକା ମଚ୍ଛନ, ସମିତି ସଭ୍ୟା ବବିତାରଣୀ ଜେନା, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସାହୁ ଯୋଗ ଦେଇଥିଲେ। ଇଟାମାଟି ପଞ୍ଚାୟତ ସ୍ତରରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୧ରେ ସର୍ବୋଚ୍ଚ ନମ୍ବର ରଖିଥିବା ୬ଜଣ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ଦାଶଙ୍କ ଅଭିଭାଷଣ ପରେ ସହ ସମ୍ପାଦକ ଶ୍ୟାମ ସୁନ୍ଦର ପାତ୍ର ଧନ୍ୟବାଦ ଦେଇଥିଲେ।

# ଖେଳାଳି ଖୋଜୁଛି ପଲଟନ ପଡ଼ିଆ

ଖଣ୍ଡପଡ଼ା,୧୬।୯ (ସ୍ୱ.ପ୍ର.)



ଅନାବନା ଗଛଲତାରେ ପରିପୂର୍ଣ୍ଣ ପଲଟନ ପଡ଼ିଆ।

- ମୁଖ୍ୟମନ୍ତ୍ରୀଙ୍କ ମିନି ଷ୍ଟାଡିୟମ ଘୋଷଣା ପରେ ବି ବିକାଶ ନାହିଁ
- ଉନ୍ନତୀକରଣ ପାଇଁ ମିଳିଛି ୨୫ ଲକ୍ଷ ଟଙ୍କା ଅନୁଦାନ
- ସେହି ଅନୁଦାନ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି
- ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି ଏହି ପୁରାତନ ଖେଳ ପଡ଼ିଆ

ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ୨୦୧୬ ଡିସେମ୍ବର ୧୩ରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ ପଲଟନ ପଡ଼ିଆକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ମିନିଷ୍ଟାଡିୟମରେ ପରିଣତ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଇତିମଧ୍ୟରେ ୫ବର୍ଷ ବିତିଛି । ମିନି ଷ୍ଟାଡିୟମ ତ ଦୂରର କଥା ସେହି ପଡ଼ିଆର ଆବଶ୍ୟକ ବିକାଶ ହୋଇପାରିନାହିଁ । ସରକାରଙ୍କ ପକ୍ଷରୁ ମିଳିଥିବା ୨୫ ଲକ୍ଷ ଟଙ୍କାର ଅନୁଦାନରେ ଉକ୍ତ ପଡ଼ିଆର ଉନ୍ନତିକରଣ ବାଧାପ୍ରାପ୍ତ ହୋଇଛି। ସେହି ଟଙ୍କାରେ ଉକ୍ତ ପଡ଼ିଆରେ ଏକ ଗୃହ ନିର୍ମାଣ ସହିତ ପ୍ରବେଶ ତୋରଣ(ଗେଟ) ଓ ଦକ୍ଷିଣ ପାର୍ଶ୍ୱର ୩୨୦ ଫୁଟ ସୁରକ୍ଷା ପ୍ରାଚୀର ମଧ୍ୟରୁ ମାତ୍ର ୧୬୦ ଫୁଟ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ଅନ୍ୟ ୩ ପାର୍ଶ୍ୱ ପ୍ରାଚୀର (ପ୍ରାୟ ୪୮୦ ଫୁଟ ଲମ୍ୱ) ସହ ଅବଶିଷ୍ଟ ଦକ୍ଷିଣ ପାର୍ଶ୍ୱ ୧୬୦ ଫୁଟ ଲମ୍ବର ପ୍ରାଚୀର ନ ଥିବାରୁ ପଡ଼ିଆର ସୁରକ୍ଷା ବିପର୍ଯ୍ୟସ୍ତ ହୋଇଛି।

ଖେଳାଳିଙ୍କ ଦୈନିକ ଅଭ୍ୟାସ ପାଇଁ ଉତ୍ତମ ପରିବେଶ ଦରକାର । ଏଥିପାଇଁ ଏକ ଖେଳ ପଡ଼ିଆର ଆବଶ୍ୟକତା ରହିଛି। ମାତ୍ର ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳରେ ଥିବା ବହୁ ପୁରାତନ ଖେଳ ପଡ଼ିଆର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ସରକାରୀ କିମ୍ବା ବେସରକାରୀସ୍ତରରେ କୌଣସି ବ୍ୟବସ୍ଥା ନାହିଁ। ଏହି ପରିପ୍ରେକ୍ଷୀରେ ପଲଟନ ପଡ଼ିଆ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଉକ୍ତ ପଡ଼ିଆ ଏବେ ଗୋରୁଗାଈଙ୍କ ଚରାଭୂଇଁ ପାଲଟିଥିବା ବେଳେ ଅଧିକାଂଶ ସମୟରେ ସେଠାରେ ଅସାମାଜିକ ଯୁବକମାନେ ଆଡ୍ଡା ଜମାଉଥିବା ଅଭିଯୋଗ ହୋଇଛି। ପଡ଼ିଆର ଚତୁଃପାର୍ଶ୍ୱ ଜବରଦଖଲରେ ଥିବାବେଳେ କେତେଜଣ ବ୍ୟକ୍ତି ସେଠାରେ ଇଟାଭାଟି କରୁଛନ୍ତି । ସ୍ଥାନୀୟ ଫୁଟବଲ ଖେଳାଳିମାନେ ପ୍ରତିଦିନ ଉକ୍ତ ପଡ଼ିଆରେ ଅଭ୍ୟାସ କରୁଥିଲେ। ସଂପ୍ରତି ବହୁ ଛାତ୍ର ଓ ଯୁବକ ଫୁଟବଲ ଛାଡି କ୍ରିକେଟ ଖେଳ ପ୍ରତି ଆକୃଷ୍ଟ ହୋଇଛନ୍ତି। ସେହି ଖେଳାଳିମାନେ ପଲଟନ ପଡ଼ିଆର ଦୁରବସ୍ଥା ଦେଖି ଏବେ ଅନ୍ୟ ଖୋଲା ପଡ଼ିଆରେ କ୍ରିକେଟ ଖେଳୁଛନ୍ତି । ଏହି ଖେଳ ପଡ଼ିଆର ଉନ୍ନତି ହେଲେ ସେହି ଖେଳାଳିମାନେ ପୁଣି ଥରେ ନିଜ ଖେଳପଡ଼ିଆକୁ ଫେରି ଆସିବେ ବୋଲି ମତ ପ୍ରକାଶ ପାଇଛି ।

କଣ୍ଟିଲୋ ଭଗବାନ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ନୀଳମାଧବ ବିଦ୍ୟାପୀଠର ପୂର୍ବପାର୍ଶ୍ୱରେ ରହିଛି ୪.୦୬ ଏକର ପରିମିତ ଏହି ପଲଟନ ପଡ଼ିଆ । ଏହି ପଡ଼ିଆକୁ ଉପରୋକ୍ତ ଉଭୟ ସ୍କୁଲର ଛାତ୍ରୀଛାତ୍ରମାନେ ଖେଳପଡ଼ିଆ ଭାବେ ବ୍ୟବହାର କରି ଆସୁଛନ୍ତି । ଆଖପାଖ ଅଞ୍ଚଳରେ ଗଢ଼ି ଉଠିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ କ୍ରୀଡ଼ାପ୍ରେମୀ ପଲଟନ ପଡ଼ିଆରେ ଫୁଟବଲ ଓ ଅନ୍ୟାନ୍ୟ ଖେଳ ଅଭ୍ୟାସ କରୁଥିଲେ । ଅଧିକାଂଶ ସମୟରେ ଉକ୍ତ ପଡ଼ିଆରେ ଜିଲା ତଥା ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥାଏ । ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ସେହି ପଡ଼ିଆ ଜରାଜୀର୍ଣ୍ଣ ଭାବେ ପଡ଼ିରହିଛି । ପଡ଼ିଆ ସାରା ଗୁଗୁଚିଆ ସହ ଅନାବନା ଗଛଲତା ଭରି ରହିଛି। ସେହି ପଡ଼ିଆ ଦେଇ ଟ୍ରାକ୍ଟରରେ ବାଲି, ଇଟା, ପଥର ବୁହା ଚାଲିଛି । ପଡ଼ିଆରେ ବର୍ଷାଜଳ ଜମି ରହୁଛି। ଜାତୀୟ ଦିବସରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସେହି ପଡ଼ିଆରେ ପରେଡ କରିଥାଆନ୍ତି। ହେଲେ ଉକ୍ତ ପଡ଼ିଆର ଉନ୍ନତିକରଣ ହୋଇପାରୁ ନ ଥିବାରୁ କୌଣସି କାର୍ଯ୍ୟକ୍ରମ ସେଠାରେ ହେଉନାହିଁ । ଏ ସଂକ୍ରାନ୍ତରେ ଜଣେ ପୁରାତନ ଖେଳାଳି ନିଜ ନାମ ଗୋପନ ରଖି କହିଛନ୍ତି, ଉକ୍ତ ପଡ଼ିଆ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ମଦ୍ୟପମାନେ ରାତିରେ ଏହି ପଡ଼ିଆରେ ମଦ ପିଇ ଭଙ୍ଗା ବୋତଲକୁ ଏଣେତେଣେ ଫିଙ୍ଗୁଛନ୍ତି । ଫଳରେ ଖେଳାଳିମାନେ ସେହି କାଚ ଦ୍ୱାରା କ୍ଷତାକ୍ତ ହେଉଛନ୍ତି ।

### ପ୍ରଶାସନିକ ଅବହେଳା ଦାୟୀ

ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ଏହି ପଡ଼ିଆର ଅତୀତ ଗୌରବ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହି ପଡିଆରେ ଆନ୍ତଃଜିଲା ଓ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏହି ପଡିଆର ରକ୍ଷଣାବେକ୍ଷଣ କରାଯିବା ସହିତ ଏକ ଅତ୍ୟାଧୁନିକ ଷ୍ଟାଡିୟମରେ ପରିଣତ କରିବାର ଆବଶ୍ୟକତା ରହିଛି । କ୍ରୀଡ଼ାବିତ୍ ସଚ୍ଚିଦାନନ୍ଦ ଦାଶ କୁହନ୍ତି,-ସରକାର ମିନି ଷ୍ଟାଡିୟମ କରିବା ପାଇଁ ଘୋଷଣା କଲେ । ହେଲେ ୫ ବର୍ଷ ପରେ ମଧ ଗେଟ ଓ ପାଚେରୀ ନିର୍ମାଣ ହୋଇ ପାରୁନାହିଁ । ପଡିଆର ଦୁରାବସ୍ଥା କିଛି ବଦଳି ନାହିଁ । ନୀଳମାଧବ ଫୁଟବଲ ଆସୋସିଏଶନର ସମ୍ପାଦକ ଶ୍ରୀପତି ମହାରଣା କୁହନ୍ତି, ପଲଟନ ପଡିଆ ଏବେ ସଂପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏଥିପାଇଁ ଦାୟୀ । ନୀଳମାଧବ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ କୁହନ୍ତି, ପ୍ରତିବର୍ଷ ଜାତୀୟ ଦିବସ ସେହି ପଡ଼ିଆରେ ପାଳିତ ହୁଏ । ବାର୍ଷିକ କ୍ରୀଡା ସହିତ ବିଭିନ୍ନ କ୍ଳବ ପକ୍ଷରୁ ଫୁଟବଲ ଓ କ୍ରିକେଟ ଟୁର୍ନାମେଣ୍ଟ ହୋଇଥାଏ । ମାତ୍ର ପଡିଆର ଉନ୍ନତି ଦିଗରେ କେହି ଧ୍ୟାନ ଦେଉ ନ ଥିବା ପରିଲକ୍ଷିତ ହୋଇଛି । ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା କହନ୍ତି, ପ୍ରଶାସନିକ ସ୍ଥାଣୁତା ଯୋଗୁ ଏପରି ପରିସ୍ଥିତ ସୃଷ୍ଟି ହୋଇଛି । ମହାନଦୀ ଓ କମେଇ ନଦୀର ବନ୍ୟାଜଳ ପ୍ରତିବର୍ଷ ପଡିଆରେ ପ୍ରବେଶ କରୁଛି । ସେଥିପାଇଁ ପଡିଆର ପୂର୍ବ ପାର୍ଶ୍ୱରେ ଏକ ଆଡିବନ୍ଧ କରିବାର ପ୍ରସ୍ତାବ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇନାହିଁ।

## ରାସ୍ତା ଉପରେ ୩ ଫୁଟର ବର୍ଷାଜଳ

ନୟାଗଡ଼ ଅଫିସ,୧୬।୯

ଗୁରୁବାର ଅପରାହ୍ଣରେ ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହୋଇଛି । ବର୍ଷାର ପ୍ରଭାବରେ ଓଡ଼ଗାଁ ବ୍ଲକ ଗୋଡିସାହିର ନୟାଗଡ଼- ଭଞ୍ଜନଗର ରାସ୍ତାରେ ୩ ଫୁଟ ଉଚ୍ଚର ଜଳ ପ୍ରଭାବିତ ହୋଇଥିଲା। ପ୍ରାୟ ୩ ଘଣ୍ଟା ଧରି ବର୍ଷା ଜଳ ରାସ୍ତା ଉପରେ ଅଟକି ରହିଥିଲା। ବହୁ ଲୋକଙ୍କ ଘରେ ପାଣି ପଶିଥିଲା। ଅଧିକାଂଶ ମାଟି କାନ୍ଥ ବର୍ଷା ଜଳରେ ଭିଜି ଭାଙ୍ଗି ପଡିଥିବା ଖବର ମିଳିଛି ।

## ମରଣାନ୍ତକ ଆକ୍ରମଣ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ



ଅଭିଯୁକ୍ତ ଟୁକୁନା ଭଞ୍ଜ।

ଖଣ୍ଡପଡ଼ା,୧୬।୯ (ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଧୀନ ଶିଖରପୁର ଗ୍ରାମରେ ଗତ ୧୦ ବର୍ଷ ତଳେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ଘଟଣାର ମୁଖ୍ୟଅଭିଯୁକ୍ତ ଟୁକୁନା ଭଞ୍ଜଙ୍କୁ ଖଣ୍ଡପଡ଼ା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣା ପରେ ଟୁକୁନା ଗାଁ ଛାଡି ବାହାରକୁ ପଳାଇ ଯାଇଥିଲା । ପୋଲିସ ଏକ ମାମଲା ରୁଜୁ କରି ହାତବାନ୍ଧି ବସିଥିଲା । କିଛିଦିନ ତଳେ ଟୁକୁନା ଗାଁକୁ ଫେରିଥିବା ପୋଲିସକୁ ସୂଚନା ମିଳିଥିଲା। ଗୁରୁବାର ଟୁକୁନା ନିକଟସ୍ଥ ଖଳିସାହି ବଜାରରେ ବୁଲୁଥିବା ଖବର ପାଇ ଏସ୍‌ଆଇ ଶ୍ରଦ୍ଧା ନାୟକ ଓ ପୋଲିସ ଟିମ୍ ଟୁକୁନାଙ୍କୁ ସେଠାରୁ ଗିରଫ କରିଥିଲେ ।

# କ୍ଷୟକ୍ଷତି ଆକଳନରେ ପଛରେ ପଡ଼ିଛି ପ୍ରଶାସନ

- କାନ୍ଥ, ଘରଭଙ୍ଗାର ତଦନ୍ତ ହେଉନାହିଁ
- ବିପନ୍ନଙ୍କୁ ଆବାସ ଯୋଜନାରେ ସାମିଲ ପାଇଁ ଦାବି କଲା କଂଗ୍ରେସ

ନୟାଗଡ଼ ଅଫିସ,୧୬।୯



କଂଗ୍ରେସ ନେତା ଓ କର୍ମୀମାନେ ବିପନ୍ନଙ୍କ ସହ ଆଲୋଚନା କରୁଛନ୍ତି ।

ଲଗାଣ ବର୍ଷା ନୟାଗଡ଼ ବ୍ଲକରେ ବ୍ୟାପକ କ୍ଷୟକ୍ଷତି କରିଛି । ଏହାର ପ୍ରଭାବରେ ବହୁ ଲୋକଙ୍କ ଘର ଭାଙ୍ଗିବା ସହ କାନ୍ଥ ଭାଙ୍ଗି ଯାଇଛି । ଭଙ୍ଗା ଘର ଓ କାନ୍ଥର ତଦନ୍ତ ପାଇଁ କାହାରି ଦେଖାନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ ଏକ ଦଳ ନୟାଗଡ଼ ବ୍ଲକର ଖୁଣ୍ଟୁବନ୍ଧ, କାଳିକାପ୍ରସାଦ, ନୋଡର, ଗମ୍ଭାରଡିହି, ଶଙ୍ଖେଇ ଗାଁ ବୁଲି ଘର ଭାଙ୍ଗି ଯାଇଥିବା ବିପନ୍ନଙ୍କୁ ଭେଟି ସେମାନଙ୍କ ଦୁଃଖଦୁର୍ଦ୍ଦଶା ଶୁଣିଥିଲେ । ସେହିପରି ଲଗାଣ ବର୍ଷାରେ ଧାନ, ଆଖୁ ଓ ପନିପରିବା ଫସଲ ନଷ୍ଟ ହୋଇଛି । ଚାଷୀ କ୍ଷତିର ସମ୍ମୁଖୀନ ହୋଇଥିଲେ ମଧ୍ୟ କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତଦନ୍ତ କରାଯାଉନାହିଁ। ଏଭଳିସ୍ଥଳେ ପୁଣି ଏକ ଲଘୁଚାପ ଚିନ୍ତାର କାରଣ ପାଲଟିଛି । ପ୍ରଶାସନିକ ଅଧିକରୀମାନେ ତୁରନ୍ତ ବିପନ୍ନ ଚାଷୀଙ୍କୁ ଭେଟି କ୍ଷୟକ୍ଷତି ଆକଳନ କରନ୍ତୁ । ବିପନ୍ନ ପରିବାରକୁ ଭେଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଓ ଆର୍ଥିକ ସହାୟତା ଦିଆଯାଉ, ଚାଷୀର କ୍ଷତି ଭରଣା କରାଯାଉ ବୋଲି କଂଗ୍ରେସ ଦାବି କରିଛି । ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ସମ୍ପାଦକ ହୁସେନ ଖାଁ, ଜିଲା କଂଗ୍ରେସ ସମ୍ପାଦକ ସତ୍ୟବାନ ନାୟକ, ନୋଡର ପଞ୍ଚାୟତ ପୂର୍ବତନ ସରପଞ୍ଚ ଭାଗିରଥି ପଲେଇ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଆଦିତ୍ୟ ପ୍ରସାଦ ପରିଡ଼ା ପ୍ରମୁଖ ସାମିଲ ହୋଇ ଥିଲେ ।

## ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ବିଲରୁ ମିଳିଲା

ଖଣ୍ଡପଡ଼ା,୧୬।୯ (ସ୍ୱ.ପ୍ର.)

ବୁଧବାର ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ଗ୍ରାମ ନିକଟରେ ଥିବା ରଥିଆବନ୍ଧକୁ ମାଛ ମାରିବାକୁ ଯାଇ ନିଖୋଜ ହୋଇଯାଇଥିବା ଛେଡ ଦାସ(୫୫)ଙ୍କ ଗଳିତ ମୃତଦେହକୁ ଗୁରୁବାର ସ୍ଥାନୀୟ ବାସିନ୍ଦା ଉଦ୍ଧାର କରିଛନ୍ତି । ବିଲରେ ଜମିଥିବା ପାଣିରେ ତାଙ୍କ ମୃତଦେହ ଭାସୁଥିବା କେତେଜଣ ଲୋକ ଦେଖିଥିଲେ । ଛେଡ ବର୍ଷା ସମୟରେ ରଥିଆବନ୍ଧ ନିକଟ ଏକ ବିଲ ଦେଇ ଯାଉଥିବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା । ସେ ବିଲରେ ଜମିଥିବା ପାଣିରେ ବୁଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ଏଥିରେ ମୃତକଙ୍କ ପରିବାରବର୍ଗ ଭାଙ୍ଗି ପଡିଛନ୍ତି । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ବାଉଁଶିଆପଡ଼ାରେ ପାସେଞ୍ଜର ହଲ୍‌ଟ ଦାବି

ନୟାଗଡ଼ ଅଫିସ,୧୬।୯

ନୟାଗଡ଼ ବ୍ଲକର ବାଉଁଶିଆପଡ଼ାରେ ଏକ ପାସେଞ୍ଜର ହଲ୍‌ଟ ପାଇଁ ପୂର୍ବାଞ୍ଚଳ ରେଲୱେ କ୍ରିୟାନୁଷ୍ଠାନ କମିଟି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଦାବି କରିଛି । ପୂର୍ବରୁ ଏ ସଂକ୍ରାନ୍ତରେ ନୟାଗଡ଼ ଜିଲାପାଳ ଓ ପୂର୍ବତନ ରେଳମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ହେଲେ ଏଯାବତ ଦାବି ପୂରଣ ହୋଇନାହିଁ । ବାଉଁଶିଆପଡ଼ାରେ ପାସେଞ୍ଜର ହଲ୍‌ଟ ହେଲେ ବାଉଁଶିଆପଡ଼ା ଓ ଏହାର ଆଖପାଖ ୧୦ଟି ପଞ୍ଚାୟତର ୩୦ ହଜାର ଲୋକ ଉପକୃତ ହେବେ। ଅନ୍ୟପକ୍ଷେ ବାଉଁଶିଆପଡ଼ାରୁ ନୟାଗଡ଼ ରେଳ ଷ୍ଟେଶନର ଦୂରତା ୧୦ କିଲୋମିଟର, ବୋଲଗଡ଼ର ଦୂରତା ୪ କିଲୋମିଟର । ଏଣୁ ସେହି ଅଞ୍ଚଳ ଲୋକମାନେ ଟ୍ରେନ୍‌ରେ ଯାତାୟତ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ଲୋକଙ୍କ ଦାବିକୁ ଆଖି ଆଗରେ ରଖି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବାଉଁଶିଆପଡ଼ାଠାରେ ପାସେଞ୍ଜର ହଲ୍‌ଟର ଆବଶ୍ୟକତା ରହିଛି ବୋଲି କମିଟିର ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ବିପିନ କୁମାର ପଟ୍ଟନାୟକ ଓ ଆବାହକ ପ୍ରଦୀପ କୁମାର ପାତ୍ର ପ୍ରମୁଖ କହିଛନ୍ତି ।

## ଡିମିଶର ଗଣେଶପୂଜା ଭସାଣିରେ ଉତ୍ତେଜନା

ନୟାଗଡ଼ ଅଫିସ,୧୬।୯

ଗୋଡିପଡ଼ା ଫାଣ୍ଡିଡିମିଶର ଗାଁରେ ବୁଧବାର ଗଣେଶ ପୂଜା ଭସାଣିକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ଏହି ଘଟଣାରେ ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା । ଏଥିରେ ପ୍ରକାଶ ଚନ୍ଦ୍ର ବିଶୋଇ(୩୭) ଓ ଅର୍ଜୁନ ବିଷୋଇ(୪୨) ଆହତ ହୋଇଛନ୍ତି। ପ୍ରକାଶଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୦୩/୨୧) ଓ ଅର୍ଜୁନଙ୍କ ଅଭିଯୋଗକୁ ଭିତ୍ତି କରି ଅନ୍ୟ ଏକ ମାମଲା(ନଂ.୧୦୪/୨୧) ରୁଜୁ କରାଯାଇ ତଦନ୍ତ ଚାଲିଛି ।

# ବ୍ଲକ ସମ୍ମୁଖରେ ସିପିଏମ୍‌ର ଗଣଧାରଣା

ନୟାଗଡ଼ ଅଫିସ/ରଣପୁର, ୧୬।୯(ସ୍ୱ.ପ୍ର.)

**୧୦ ଦଫା ଦାବି ପୂରଣ ପାଇଁ ସ୍ମାରକପତ୍ର**

ନୟାଗଡ଼ ଜିଲା ରଣପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଏମ୍ ରଣପୁର ଆଞ୍ଚଳିକ କମିଟି ପକ୍ଷରୁ ୧୦ ଦଫା ଦାବି ନେଇ ଗଣଧାରଣା ଦିଆଯାଇଥିଲା। ଏଥିରେ ସିପିଏମ୍ ନେତା ହରିଶ୍ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ପରିଡ଼ା, ଦୁଃଶାସନ ଜେନା, ଗଦାଧର ପ୍ରଧାନ, ଭିକାରୀ ଚରଣ ସାହୁ, ସୁଶିଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ୩ କଳାକୃଷି ଆଇନ ଓ ଶ୍ରମିକ ବିରୋଧି ଶ୍ରମ ଆଇନର ପ୍ରତ୍ୟାହାର, ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସ୍‌ର ଦରବୃଦ୍ଧିକୁ ରୋକିବା, ମୁଣ୍ଡପିଛା ୧୦ କେଜି ଲେଖାଏଁ ଚାଉଳ ଓ ଗହମ ଯୋଗାଇଦେବା, ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ଆୟକର ଦେଉ ନ ଥିବା ପରିବାରକୁ ମାସିକ ୭ ହଜାର ୫ ଶହ ଟଙ୍କା ୬ମାସ ପର୍ଯ୍ୟନ୍ତ ଦେବା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୈନିକ ମଜୁରୀ ୫୦୦ ଟଙ୍କା ସହ ବର୍ଷକୁ ୨୦୦ ଦିନର କାମ ଯୋଗାଇ ଦେବାକୁ ଅନୁରୂପ ଦାବି କରାଯାଇଥିଲା। ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଆନ୍ଦୋଳନ ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରାଇଥିଲା ।



ସିପିଏମ୍ ନେତା ଓ କର୍ମୀମାନେ ଧାରଣା ଦେଉଛନ୍ତି।

# ମନିଟରିଂ, ତଦନ୍ତ ଉପରେ ପ୍ରଶ୍ନ

ନୟାଗଡ଼ ଅଫିସ,୧୬।୯

**କଟକ ଜିଲାରେ ଭ୍ରୂଣହତ୍ୟା ପ୍ରସଙ୍ଗ**

- ଅଟୋରିକ୍ସା ଡ୍ରାଇଭରଙ୍କୁ କରାଯାଉନି ତଦନ୍ତ ପରିସରଭୁକ୍ତ

ନୟାଗଡ଼ ଜିଲା ଗଣିଆ ଅଞ୍ଚଳର ଜଣେ ମହିଳା କଟକ ଜିଲାରେ ଗର୍ଭପାତ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାର ତଦନ୍ତ ଓ ମନିଟରିଂ ଠିକ୍ ଭାବେ କରାଯାଉନାହିଁ। ଗର୍ଭପାତ କରିଥିବା ମହିଳାଙ୍କୁ ଯେଉଁ ଅଟୋରିକ୍ସାରେ ନିଆଯାଇଥିଲା ତାର ଚାଳକଙ୍କୁ ଚିହ୍ନଟ କରି ତଦନ୍ତ ପରିସରଭୁକ୍ତ କରାଗଲେ ବହୁ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ହେଲେ ତାଙ୍କୁ ଜାଣିଶୁଣି ତଦନ୍ତ ପରିସରଭୁକ୍ତ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଠିକ୍ ପ୍ରମାଣ ମିଳୁନାହିଁ ବୋଲି ଦର୍ଶାଇ ଗଣିଆ ମେଡିକାଲ ଅଫିସର ଗଣିଆ ଥାନାରେ କରିଥିବା ଅଭିଯୋଗକୁ ପୋଲିସ ହାଲ୍‌କା ଭାବେ ଗ୍ରହଣ କରିଛି। ଏ ସଂକ୍ରାନ୍ତରେ ମାମଲା ରୁଜୁ କରାଯାଇ ନାହିଁ। କେବଳ କେଶ ଡାଏରୀରେ କାମ ଶେଷ କରିବାକୁ ଉଦ୍ୟମ ଚାଲିଛି ।

କଟକ ଜିଲାରେ ହୋଇଥିବା ଏହି ଗର୍ଭପାତ ପ୍ରସଙ୍ଗକୁ ପ୍ରମାଣିତ କରିବା ପାଇଁ ଅନେକ ଖିଅ ରହିଛି । ସମ୍ପୃକ୍ତ ମହିଳା କହୁଛନ୍ତି, ପରିଶ୍ରା କରିବା ସମୟରେ ରକ୍ତସ୍ରାବ ହୋଇ ଗର୍ଭପାତ ହୋଇଯାଇଛି। ଯଦି ଆପେ ଆପେ ଗର୍ଭପାତ ହେଲା ତେବେ ୫ମାସର ଭ୍ରୂଣ କୁଆଡେ ଗଲା ବୋଲି ପ୍ରଶ୍ନ ଉଠିଛି। ଭ୍ରୂଣକୁ ସେ କେଉଁଠି ପକାଇଲେ ପୋଲିସକୁ ଜଣାଇ ତଦନ୍ତରେ ସହଯୋଗ କରିବା ଦରକାର । ଅନ୍ୟପକ୍ଷେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଫେରାର ହେବା ଘଟଣା ବିବାଦ ସୃଷ୍ଟି କରିଛି । ସ୍ୱାମୀ ଘରକୁ ଫେରି ପ୍ରକୃତ ସତ୍ୟ ପ୍ରଶାସନ ନିକଟରେ କହି ଦୋଷମୁକ୍ତ ହେବା ଦରକାର । ପୋଲିସ ଉପରୋକ୍ତ ଦିଗକୁ ତଦନ୍ତ ପରିସର ଭୁକ୍ତ କରିବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଯଦି ଗର୍ଭପାତ ଲକ୍ଷଣ ଦେଖାଗଲା ତେବେ ସମ୍ପୃକ୍ତ ମହିଳା ନିକଟସ୍ଥ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇପାରି ଥାଆନ୍ତେ। ଆଶା କର୍ମୀଙ୍କୁ ଏ ସଂକ୍ରାନ୍ତରେ ଜଣାଇବା ଦରକାର ଥିଲା, ହେଲେ ସେ ସେପରି କଲେ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। ସେ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ର ଛାଡ଼ି ଅଟୋରିକ୍ସାରେ ରାଜସୁନାଖଳା ଯାଇଥିଲେ। ପରେ କଟକ ଜିଲାର ନରସିଂହପୁର କିମ୍ବା ବଡମ୍ବା ଅଞ୍ଚଳକୁ ଯାଇଥିଲେ । ବାଟରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଥିଲେ ମଧ୍ୟ ସେଠାକୁ ସେ ଯାଇ ନ ଥିଲେ । ସମ୍ପୃକ୍ତ ମହିଳା ବେଆଇନ ଗର୍ଭପାତ କରିବାକୁ ଯାଉଥିବା ଖବର ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିଲା। କେଉଁଠିକୁ ଅଟୋରିକ୍ସାରେ ମହିଳା ଯାଉଥିଲେ ସେ ସଂକ୍ରାନ୍ତରେ ଖବର ଦିଆଯିବା ସହିତ ତାଙ୍କ ଫୋନ ନମ୍ବର ମଧ୍ୟ ପ୍ରଶାସନକୁ ଦିଆଯାଇଥିଲା । ଏପରିକି ସୁନାଖଳା ଅଞ୍ଚଳକୁ ଯାଉଥିବା ମଧ୍ୟ ସୂଚନା ଦିଆଯାଇଥିଲା । ହେଲେ ପ୍ରଶାସନ ତାଙ୍କ ମୋବାଇଲ ନଂ. ଟ୍ରାକିଂ କରି ଭ୍ରୂଣହତ୍ୟାକୁ ରୋକି ପାରି ନ ଥିଲା। ଯଦି ପ୍ରଥମରୁ ଏ ଘଟଣାକୁ ପ୍ରାଧାନ୍ୟ ଦିଆଯାଇ ଥାନ୍ତା ତେବେ ନୟାଗଡ଼ ଜିଲାର ମହିଳା ଜଣକ ଅନ୍ୟ ଜିଲାକୁ ଯାଇ ଭ୍ରୂଣ ହତ୍ୟା କରିପାରି ନ ଥାନ୍ତେ। ସୂଚନାଯୋଗ୍ୟ, ଗଣିଆ ଅଞ୍ଚଳର ଜଣେ ମହିଳା କଟକ ଜିଲାରେ ଗତ ମଙ୍ଗଳବାର ଗର୍ଭପାତ କରିବା ପରେ ଗଣିଆ ମେଡିକାଲ ଅଫିସର ସ୍ଥାନୀୟ ଥାନାରେ ବୁଧବାର ଅଭିଯୋଗ କରିଥିଲେ। ଏହା ପରେ ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

### ସୁନାଖଳାରେ ଭ୍ରୂଣ ଚିହ୍ନଟ ନେଇ ଚର୍ଚ୍ଚା

ବେଆଇନ ଗର୍ଭପାତ କରିଥିବା ମହିଳା ସୁନାଖଳାରେ ଭ୍ରୂଣ ଚିହ୍ନଟ କରିଥିବା ଚର୍ଚ୍ଚା ହେଉଛି। ଏନେଇ କିଛି ସୁରାକ ପ୍ରଶାସନ ପାଇଥିବା କୁହାଯାଉଛି। ଇତିମଧ୍ୟରେ ୩ଦିନ ବିତିବାକୁ ବସିଥିବାବେଳେ ଲିଙ୍ଗ ଚିହ୍ନଟ ହୋଇଥିବା ଅଲଟ୍ରା ସାଉଣ୍ଡ କେନ୍ଦ୍ରକୁ ଚିହ୍ନଟ କରାଯାଇନାହିଁ । ସୁନାଖଳାର କିଛି ଅଂଶ ଖୋର୍ଦ୍ଧା ଓ ନୟାଗଡ଼ ଜିଲାରେ ରହୁଥିବାରୁ ଖୋର୍ଦ୍ଧା ଜିଲା ପ୍ରଶାସନର ସହଯୋଗରେ ଚଢ଼ାଉ କରିବାରେ ଅସୁବିଧା ନାହିଁ। ଏନେଇ ଗଣିଆ ଉନ୍ନୟନ ପରିଷଦର ସଭାନେତ୍ରୀ ଉଷା ପଟ୍ଟନାୟକ କୁହନ୍ତି, ଭ୍ରୂଣ ହତ୍ୟା ଲୁଚାଛପାରେ ଚାଲିଛି । ଧରପଗଡ଼ କଲେ ମଧ ଏହାକୁ ରୋକି ହେଉନି । ହେଲେ ଯେଉଁ କେତୋଟି କେଶ ସାମନାକୁ ଆସୁଛି ତାର ଠିକ୍ ମନିଟରିଂ କରିବାର ଆବଶ୍ୟକତା ରହିଛି ।